

୭ମ ବର୍ଷ ● ୧୧୧ଶ ସଂଖ୍ୟା ● ଜୁଲାଇ ୨୦୧୮

**ଆମ ମତ:** ଏବେ ମୋବାଇଲ ଫୋନ ପିଲାମାନଙ୍କ ପାଇଁ କେତେ ଉପଯୋଗୀ
**ଆମ ପର୍ବପର୍ବାଣି:** ରଥଯାତ୍ରା
**ନାଟକ:** ଆଉ ଜଣେ ଏକଲବ୍ୟ
**ସଚେତନତାର ବାର୍ତ୍ତା:** କନ୍ୟା କିରଣ
**ଗପ :** ଟୁପ୍‌ଲି ଓ ବିନୀ, ଜଗନ୍ନାଥଙ୍କ ଗଣେଶ ବେଶ, ଈର୍ଷା ପରମ ଶତ୍ରୁ, ...
**କବିତା:** କୁନି-କୁନି କଥା, ଋତୁ ଚକ ଯାଏ ଘୂରି, ବହି, ...
**ଏଥିସହିତ କୁନିକୁନାଙ୍କ ପାଠଶାଳା, ଖବର ଓ ଆହୁରି ଅନେକ ବିଭାଗ।**

**ଆମ ପର୍ବପର୍ବାଣି: ରଥଯାତ୍ରା**
**ଲେଖକ : କେଦାର ପୃଷ୍ଟି**
ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସଂପର୍କରେ କିଛି ତଥ୍ୟ ସହିତ, ଲେଖକ କେତୋଟି ପୁରାତନ ଜଗନ୍ନାଥ ଭଜନକୁ ସ୍ଥାନିତ କରିଛନ୍ତି ଏହି ଲେଖାରେ।

**ଆମ ମତ:**
ଏବେ ପିଲାମାନେ ବହୁସଂଖ୍ୟାରେ ମୋବାଇଲ ଫୋନ ବ୍ୟବହାର କରୁଛନ୍ତି। ଏହା ସେମାନଙ୍କ ପାଇଁ କେତେ ଉପଯୋଗୀ, ସେ ସଂପର୍କରେ ମତ ରଖିଛନ୍ତି ଆମ କୁନାକୁନିମାନେ।

**ଗପ: ଜଗନ୍ନାଥଙ୍କ ଗଣେଶ ବେଶ**
**ଲେଖିକା: ଜ୍ୟୋସ୍ନା ସିଂହ**
ଲୋକକଥାକୁ ଅଧାର କରି ଜଗନ୍ନାଥ ଭକ୍ତର ମନୋବାଞ୍ଛା ପୂରଣ ନିମନ୍ତେ କିପରି ଗଣେଶଙ୍କ ରୂପ ଧାରଣ କରିଥିଲେ, ତାହାହିଁ ଗପଟିର ବିଷୟବସ୍ତୁ।

**ଗପ: ଟୁପ୍‌ଲି ଓ ବିନୀ**
**ଲେଖକ: ଦାଶ ବେନହୁର**
ବିନୀ ଶ୍ରେଣୀଗୃହରେ ଅଧିକାଂଶ ବେଳେ ଚୁପ୍‌ଚାପ୍ ରୁହେ। ଏହାକୁ ଲକ୍ଷ୍ୟ କରି ତା’ର ସାଙ୍ଗ ଟୁପ୍‌ଲି, କିପରି ବିନୀର ମନକଥାକୁ ବୁଝିପାରିଛି, ତାହାହିଁ ଗପଟିର ବିଷୟବସ୍ତୁ।

**ଗପ: ଈର୍ଷା ପରମ ଶତ୍ରୁ**
**ଲେଖକ: ଅନନ୍ତ କୁମାର ସେନାପତି**
ନିଜ ନିଜ ମଧରେ ଈର୍ଷାକଲେ ତା’ର ପରଣତି କିପରି ଖରାପ ହୁଏ, ତାହା ହିଁ ଗପଟିରେ କୁହାଯାଇଛି।

**ଗପ: ନିଜ ଗାଁକୁ ନିନ୍ଦିବାର ଫଳ**
**ଲେଖକ: ରମେଶ ଚନ୍ଦ୍ର ଦାଶ**
ନିଜ ଗାଁକୁ ନିନ୍ଦାକରିଥିବା ମୋହନ, ଶେଷରେ ନିଜର ଭୁଲ୍ ବୁଝିପାରିଛି ଓ ଗାଁକୁ ଫେରି ଆସିଛି, ସେହି ଭାବନାକୁ ନେଇ ଏହି ଗପଟି ରଚିତ।

**ଗପ: ଘର**
**ଲେଖକ: ସଚ୍ଚିଦାନନ୍ଦ କର**
ଛୋଟ ପିଲାଟିଏ ସୋମୁ, ବଡା ବାଉଁଶରେ ଗଢ଼ିଥିବା ଘର ଭିତରେ ଯେତେବେଳେ କୁକୁରଛୁଆଟିଏ ଆସି ରହିଲା, ତା’ର ଖୁସୀର ସୀମାକୁ ବୁଝିବ କିଏ? ଏହା ହିଁ ଗପର ବିଷୟବସ୍ତୁ।

**ନାଟକ : ଆଉ ଜଣେ ଏକଲବ୍ୟ**
**ଲେଖିକା : ପ୍ରବୀଣା ମହାନ୍ତି**
ଏକଲବ୍ୟକୁ ଗୁରୁ ଦ୍ରୋଣ ଫେରାଇ ଦେବାରୁ, ସେ ଦ୍ରୋଣଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରି ଧନୁର୍ବିଦ୍ୟା ଶିକ୍ଷାଲାଭ କରିଥିଲା। ଏହି ନାଟକରେ ଛୋଟ ଝିଅଟିଏ ପଢ଼ିଶାଘରର ଅନ୍ୟ ଏକ ଝିଅକୁ ସଙ୍ଗୀତ ଗୁରୁ ଶିଖାଉଥିବା ଶୈଳୀକୁ ଅନୁସରଣ କରି କିପରି ଗୀତ ଶିଖିପାରିଛି, ତାହାହିଁ ନାଟକଟିରେ ବର୍ଣ୍ଣନା କରାଯାଇଛି।

**କବିତା: କୁନି-କୁନି କଥା**
**ଲେଖିକା : ମଞ୍ଜୁ ଦାସ**
କୁନି-କୁନି କଥାର ଗୁରୁତ୍ୱ ଅନେକ। ତାହାହିଁ କବିତାର ବିଷୟବସ୍ତୁ।

**କବିତା: ଋତୁ ଚକ ଯାଏ ଘୂରି**
**ଲେଖକ: ପ୍ରଫୁଲ୍ଲ କୁମାର ସାହୁ**
ଋତୁ ଚକର ପରିବର୍ତ୍ତନ ଅନୁଯାୟୀ, ଏବେ ଆସୁଥିବା ବରଷା ଋତୁ ସଂପର୍କରେ ଏହି କବିତାଟି ରଚିତ।

**କବିତା: ବହି**
**ଲେଖକ: ପ୍ରଶାନ୍ତ ମହାନ୍ତି**
ବହି କିପରି ମଣିଷ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ତାହାହିଁ କବିତାଟିରେ ବର୍ଣ୍ଣନା କରାଯାଇଛି।

**କବିତା: ଗଛ ଆମରି ମିତ**
**ଆମ କୁନି ଲେଖିକା : ପ୍ରିୟତ୍‌ପ୍ରଜ୍ଞା ନାଏକ**
ଗଛ କିପରି ଆମର ପରମ ମିତ, ସେହି ଭାବଧାରାକୁ ନେଇ ଏଇ କବିତାଟି ରଚିତ।

**କବିତା: ଗଛ ଲଗାଇବା କାହା ପାଇଁ**
**ଆମ କୁନି ଲେଖିକା : ଅଙ୍କିତା ମହାନ୍ତି**
ଗଛ ଆମେ କାହା ପାଇଁ ଲଗାଇବା ? ସବୁଠାରୁ ଭଲ ଉତ୍ତର ହେଲା ଆମ ନିଜ ପାଇଁ। ଏହି କଥା ହିଁ ଉକ୍ତ କବିତାରେ କୁହାଯାଇଛି।

**ରିପୋର୍ଟ : କନ୍ୟା କିରଣ**
କନ୍ୟା ସନ୍ତାନମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା ବିରୋଧରେ ସଚେତନତା ସୃଷ୍ଟି ପାଇଁ କିସ୍ (କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍‌ସେସ୍) ତରଫରୁ ଆୟୋଜିତ ସଚେତନା ଅଭିଯାନ ସଂପର୍କରେ ଏକ ସଂକ୍ଷିପ୍ତ ବିବରଣୀ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

**ଏସବୁ ବ୍ୟତୀତ ନିୟମିତ ବିଭାଗ ସ୍ଥାନିତ ହୋଇଛି :**
**ରାଜ୍ୟ ଖବର:**
ପଠାଣି ସାମନ୍ତ ପ୍ଲାନେଟାରିୟମରେ ନୂଆ ସୋ', ରାଜ୍ୟରେ ବୃଦ୍ଧି ପାଉଛି ସାପକାମୁଡ଼ା ଜନିତ ମୃତ୍ୟୁ ଓ ନନ୍ଦନକାନନରେ କାର୍ଯ୍ୟକ୍ଷମ ହେବ 'ରୋପ୍-ୱେ'।

**ତୁମ ପାଇଁ ଖବର**
ଏଭରେଷ୍ଟ ଶିଖରରେ ବାପ ଓ ଝିଅ, ରବିବାର, କାହିଁକି ଛୁଟିଦିନ ?, ସାମୁଦ୍ରିକ ଜୀବଙ୍କର କ୍ଷତି କରୁଛି ପ୍ଲାଷ୍ଟିକ, ମଣିଷ ସଂଖ୍ୟା ସବୁଠୁ କମ୍, ବାହୁବଳୀ ଥାଳି; ଦୁଇ ହଜାର ଟଙ୍କା ଓ ଛାତ୍ରଛାତ୍ରୀଙ୍କ ଦାୟିତ୍ୱରେ ରେଳଷ୍ଟେସନ।

**ଖେଳ ଖବର**
ଟେଷ୍ଟ କ୍ରିକେଟରୁ ଉଠିବ ଟସ୍, ଭାରତରୁ 'ବଲ ବୟ' ଓ 'ବଲ ଗାର୍ଲ' ଓ ରାଜ୍ୟ ଜନଜାତି କ୍ରୀଡ଼ାରେ କିସ୍‌ର ଦବ୍‌ଦବା।

**ଚଳଚ୍ଚିତ୍ର ଖବର**
ଝୁଲଣଙ୍କ ଜୀବନୀକୁ ନେଇ ଚଳଚ୍ଚିତ୍ର, ଜାପାନରେ 'ବାହୁବଳୀ-୨' ଓ ଲୋକାଲ ଟୋକା-ଲଭ୍ ଟୋଖା।

**ନିୟମିତ ବିଭାଗ ସ୍ଥାନିତ ହୋଇଛି ଯଥା :**
**କେଦାର ପୃଷ୍ଟିଙ୍କ ପ୍ରସ୍ତୁତି 'କୁନିକୁନାଙ୍କ ପାଠାଶାଳା-୫୨', ଶରତ କୁମାର ନାୟକଙ୍କ ରଚିତ 'କବିତା-ଧନ୍ଦା' ଓ ଅନ୍ୟାନ୍ୟ ଅନେକ ବିଭାଗ, ଯଥା: ଚିହ୍ନିଲ କିଏ ? କିଏ ଅଲଗା ?, ବାଟ ବତାଅ, ଜାଣିଛ କି ?, ପାର୍ଥକ୍ୟ ଖୋଜ, ଶବ୍ଦ-ଧନ୍ଦା, ତୁମ ତୂଳୀରୁ ଓ ରଙ୍ଗଦିଅ ଇତ୍ୟାଦି।**

■■■